# ଖଣିଜ ଚୋରି ହେଲେ ତହସିଲଦାର ଦାୟୀ

**ଛତ୍ରପୁର,୩।୧୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲାର ରାଜସ୍ୱ ବିଭାଗୀୟ ସମୀକ୍ଷା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୈରାତ୍ ଉତ୍ସ, ଗ୍ରାମକଣ୍ଟକ ପରମଭୋଗ, ଓଡିଶା ଜନସେବା କାର୍ଯ୍ୟ ଅଧିକାର, ବସୁନ୍ଧରା ଯୋଜନା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅମୀୟ କୁମାର ସାହୁ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ସୈରାତ ଉତ୍ସ କ୍ଷେତ୍ରରେ ଦେଖାଯାଉଥିବା ସମସ୍ୟାଗୁଡିକୁ ସମ୍ପୃକ୍ତ ସଂସ୍ଥାକୁ ଡାକି ଉପଜିଲାପାଳଙ୍କ ସ୍ତରରେ ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ରାଜସ୍ୱ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ସେବାଗୁଡିକୁ ନିର୍ଦ୍ଧାରିତ ସମୟରେ ହିତାଧିକାରୀଙ୍କୁ ଯୋଗାଇ ଦେଲେ ସରକାରଙ୍କ ଲକ୍ଷ୍ୟ ସାଧନ ହୋଇପାରିବ ବୋଲି ଜିଲାପାଳ ତହସିଲଦାରମାନଙ୍କୁ ଜଣାଇଥିଲେ। ଖଣିଜ ସମ୍ପଦ ଚୋରି ରୋକିବାକୁ ନିଲାମ ପ୍ରକ୍ରିୟା ଜାରି ହେବା ଉଚିତ। ଚୋରକୁ ସମର୍ଥନ ନ କରି ଆଇନ ଅନୁଯାୟୀ ସି.ଆର୍.ପି.ସି.-୧୦୭ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଜେଲ ପଠାଇଲେ ଚୋରି ହେବନାହିଁ। ଏଣିକି ଖଣିଜ ଚୋରି ହେଲେ ସଂପୃକ୍ତ ରାଜସ୍ୱ ନିରୀକ୍ଷକ ଓ ତହସିଲଦାରଙ୍କୁ ଦାୟୀ କରାଯିବ। ସେଟଲ ବା ସମାଧାନ ହୋଇ ନ ଥିବା ସୈରାତ୍ ଉତ୍ସଗୁଡିକର ଫଟୋ ସହିତ ସମ୍ପୂର୍ଣ୍ଣ ତଥ୍ୟ ରଖି ପ୍ରତି ୧୫ ଦିନ ଅନ୍ତରରେ ସେଗୁଡିକ ପରିଦର୍ଶନ କରିବାକୁ କୁହାଯାଇଛି। ଜାତୀୟ ରାଜପଥ, ବ୍ଲକସ୍ତରୀୟ ଉନ୍ନୟନ କାର୍ଯ୍ୟ ସକାଶେ ଆବଶ୍ୟକ ପଡୁଥିବା ମାଟି, ପଥର, ବାଲି ଇତ୍ୟାଦି ଆଗ୍ରହରେ ଯୋଗାଇବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଗ୍ରାମ କଣ୍ଟକ ପରମଭୋଗ କାର୍ଯ୍ୟରେ ରାଜସ୍ୱ ଅଧିକାରୀମାନେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ରିପୋର୍ଟ ପ୍ରଦାନ କରନ୍ତୁ। କରୋନା କଟକଣା ମାନି ମେଳା ମାଧ୍ୟମରେ ଜିଲାରେ ୧୦ ହଜାର ପଟ୍ଟା ପ୍ରଦାନ କରାଯିବ। ଗ୍ରାମ କଣ୍ଟକ ପରମ ଭୋଗ କାର୍ଯ୍ୟରେ ଯେଉଁ ହିତାଧିକାରୀଙ୍କ ଆବେଦନ ଖାରଜ ହେଉଛି, ତାହାର କାରଣ ଦର୍ଶାଇବାକୁ କୁହାଯାଇଥିଲା। ଜନସାଧାରଣଙ୍କୁ ସେବା ଯୋଗାଇ ଦେବାହିଁ ସରକାରଙ୍କ ମୂଳ ଆଭିମୁଖ୍ୟ। ଓଡିଶା ଜନସେବା କାର୍ଯ୍ୟ ଅଧିକାର (ଓ.ଆର୍.ଟି.ପି.ଏସ.ଏ) ଆଇନ ନିୟମ ପ୍ରକାରେ ହିତାଧିକାରୀ ମାନଙ୍କୁ ଯୋଗାଇ ଦିଆଯାଉଥିବା ଜାତିଗତ, ଆୟକର, ଉତ୍ତରାଧିକାରୀ ପ୍ରମାଣପତ୍ରଗୁଡିକ ନିଜଆଡୁ ଶୀଘ୍ର ପ୍ରଦାନ କରିବା ଦିଗରେ ତତ୍ପରତା ପ୍ରକାଶ କରିବା, କୌଣସି ଆବେଦନ ପତ୍ର ଯେପରି ବାକି ନ ରହିବ ସେ ଦିଗରେ କାର୍ଯ୍ୟ କରିବାକୁ ହେବ। ପ୍ରତ୍ୟେକ ଶୁକ୍ରବାର ମୋ ଗାଁରେ ତହସିଲ ଆୟୋଜନ କରି ହିତାଧିକାରୀମାନେ ଯେପରି ପ୍ରଶାସନର ବିଶ୍ୱାସଭାଜନ ହେବେ ସେଭଳି ସେବା ଯୋଗାଇବାକୁ କୁହାଯାଇଛି। ଗୋଚର ଜମିରେ ଏମଜିଏନ୍‌ଆର୍‌ଇଜିଏସରେ ଗୋଶାଳା ପ୍ରସ୍ତୁତ ହେବ। ଏଥିସକାଶେ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଡେପୁଟି କଲେକ୍ଟର (ରାଜସ୍ୱ) ବିଜୟାନନ୍ଦ ସେଠୀ, ଡେପୁଟି କଲେକ୍ଟର ଶରତ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।

■ ବଳକା ସଇରାତକୁ ନିଲାମ କରିବାକୁ ନିର୍ଦ୍ଦେଶ
■ ୧୦ ହଜାର ପଟ୍ଟା ବଣ୍ଟନ ହେବ

## ସଂକ୍ଷେପରେ

### ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବ୍ରହ୍ମପୁର ଅଫିସ,୩।୧୨- ଗଞ୍ଜାମ ଜିଲା ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଚାଲିବାକୁ ଥିବା ଏହି ଶିବିରକୁ ଜିଲା ସଭାପତି ବିଭୂତି ଭୂଷଣ ଜେନା ଉଦ୍‌ଘାଟନ କରିଥିଲେ। ରାଷ୍ଟ୍ର ପ୍ରତି ଭାଜପାର କ'ଣ ଭୂମିକା ରହିଛି ସେ ନେଇ କର୍ମୀମାନଙ୍କୁ ଅବଗତ କରିବା ସହ ଏଥିରେ ୧୦ଟି ପ୍ରମୁଖ ବିଷୟରେ କର୍ମୀମାନଙ୍କୁ ଅବଗତ କରାଯିବ ବୋଲି ସଭାପତି କହିଛନ୍ତି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଶିକ୍ଷକ ଶିବ ଶତପଥୀ, ପ୍ରଭାତ କିରଣ ଷଡ଼ଙ୍ଗୀ, ରାଜେଶ ସାହୁ, ଡ଼.ସୁବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କରାପଲ୍ଲୀ ମଣ୍ଡଳ ସଭାପତି ପ୍ରମୋଦ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୋମନାଥ ପାତ୍ର ସଭା ପରିଚାଳନା କରିଥିଲେ।

### ଚିକିଟି ମହାବିଦ୍ୟାଳୟ ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ



ଚିକିଟି,୩।୧୨(ଡି.ଏନ.ଏ.)- ଗଞ୍ଜାମ ଜିଲା ଚିକିଟିଗଡସ୍ଥିତ ମହାବିଦ୍ୟାଳୟରେ ନୂତନ ଅଧକ୍ଷ ଭାବେ ଓଡିଆ ବିଭାଗର ପ୍ରାଧାପକ ପ୍ରଶାନ୍ତ କୁମାର ପାଣିଗ୍ରାହୀ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଡ. ବିଚିତ୍ର କୁମାର ପଟ୍ଟନାୟକଙ୍କ ଅବସର ପରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଚିଠି ନଂ.୩୯୪୯୪/୨।୧୨।୨୦ ଅନୁସାରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଦୀର୍ଘ ୩୫ବର୍ଷରୁ ଉର୍ଦ୍ଧ୍ୱ ଭାଷା ଓ ସାହିତ୍ୟ ବିଭାଗର ଅଧାପକ ଓ ପରବର୍ତ୍ତୀ ସମୟରେ ପ୍ରାଧାପକ ଭାବେ ଶିକ୍ଷାଦାନ କରିଆସୁଛନ୍ତି।

### ବ୍ଲକ ଉନ୍ନୟନ କମିଟିର ବୈଠକ

ବୁଗୁଡ଼ା,୩।୧୨(ଡି.ଏନ.ଏ.)-ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କ ଆବାହକତ୍ୱରେ ବୁଗୁଡ଼ା ବ୍ଲକ ଉନ୍ନୟନ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ତନ୍ମୟ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗର ସମୀକ୍ଷା କରାଯାଇଥିଲା। ବିଦ୍ୟୁତ, ଜଳ ସମ୍ପଦ, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ମୃତ୍ତିକା ସଂରକ୍ଷଣ, କ୍ଷୁଦ୍ର ଜଳସେଚନ, କୃଷି ଆଦି ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ବ୍ଲକର ବିଭିନ୍ନ ବିଭାଗର ଉନ୍ନୟନ ଏବଂ ସୁବିଧା ଅସୁବିଧା ଉପରେ ଆଲୋଚନା ହୋଇଥିଲା। ଗୋଲିଆରେ ଏଲଆଇ କେନ୍ଦ୍ର ନିର୍ମାଣ, କିରିଆମ୍ବା ଜଙ୍ଗଲରେ ଚେକ ଡ୍ୟାମ ନିର୍ମାଣ, ମାଣିତରା ଓ ବେତାରସିଙ୍ଗିରେ କାଡ଼ା କେନାଲର ନିର୍ମାଣ କାର୍ଯ୍ୟ ଶେଷ, ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ନିର୍ମାଣ କାର୍ଯ୍ୟ ଶେଷ କରିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ବୁଗୁଡ଼ା ବ୍ଲକରେ ଉତ୍ତମ କାର୍ଯ୍ୟ ଦିବସ ସୃଷ୍ଟି କରି ଅଧିକ ପ୍ରକଳ୍ପ କରି ଜିଲାରେ ପ୍ରଥମ ହୋଇଥିବା ଯୋଗୁ ସମ୍ପୃକ୍ତ ଅଧିକାରୀଙ୍କୁ ପ୍ରଶଂସା କରାଯାଇଥିଲା। ପ୍ରତ୍ୟେକ ବୁଧବାର ଉନ୍ନୟନ କମିଟିର ଏଭଳି ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ବିଭାଗର ସମୀକ୍ଷା କରାଯିବା ସହ ଉନ୍ନୟନର ନକ୍ସା ପ୍ରସ୍ତୁତ କରାଯିବ ବୋଲି ବିଡିଓ କହିଥିଲେ।

### କୃଷକ ସଂଘର୍ଷ ସମନ୍ୱୟ ସମିତିର ପ୍ରତିବାଦ ସଭା

ଦିଗପହଣ୍ଡି,,୩।୧୨(ଡି.ଏନ.ଏ.)-କୃଷି ଆଇନ ବିରୋଧରେ ନିଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ଡାକରାକ୍ରମେ ଗୁରୁବାର ଦିଗପହଣ୍ଡି ବଜାର ଗାନ୍ଧିଛକଠାରେ ପ୍ରତିବାଦ ସଭା ହୋଇଛି। ସିପିଆଇ ଗଞ୍ଜାମ ଜିଲା କମିଟି ସହସମ୍ପାଦକ ଅଳକନାଥ ମିଶ୍ର, ଜିଲା କଂଗ୍ରେସ କମିଟି ଉପସଭାପତି ପ୍ରଫୁଲ୍ଲ ପଣ୍ଡା, ସିପିଆଇ(ଏମ୍) କାର୍ଯ୍ୟକର୍ତ୍ତା କୁରେଶୁ ପଣ୍ଡାଙ୍କ ମିଳିତ ସଭାପତିତ୍ୱରେ ଏହି ପ୍ରତିବାଦ ସଭା ହୋଇଥିଲା। ସିପିଆଇ (ଏମ୍) ଗଞ୍ଜାମ ଜିଲା କମିଟି ସମ୍ପାଦକ କୈଳାସ ଷଡଙ୍ଗୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ନୂତନ କୃଷକ-କୃଷି ବିରୋଧୀ ଆଇନ ଓ ନୂତନ ବିଦ୍ୟୁତ ବିଲ୍ ଆଇନର ତୀବ୍ର ବିରୋଧ କରିଥିଲେ। କୃଷକଙ୍କ ସର୍ବନାଶକାରୀ ୩ କୃଷି ଆଇନକୁ କେନ୍ଦ୍ର ସରକାର ତୁରନ୍ତ ପ୍ରତ୍ୟାହାର ନ କଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଥିଲେ। ପ୍ରତିବାଦ ସଭାରେ କଂଗ୍ରେସ କାର୍ଯ୍ୟକର୍ତ୍ତା ବିକାଶ ପଶୁପାଳକ, ଏମ୍.ତ୍ରିନାଥ, କେ. କୁନା, ଏମ୍. ବାଇନାଥ, ନୀଳକଣ୍ଠ ପଟ୍ଟନାୟକ, ସିପିଆଇ(ଏମ୍) କାର୍ଯ୍ୟକର୍ତ୍ତା ଅଶ୍ୱିନୀ କୁମାର ଦାସ, ପି. ଶିବ ଶଙ୍କର, ସିପିଆଇ ଦିଗପହଣ୍ଡି ଶାଖା ସମ୍ପାଦକ ତପନ କୁମାର ମିଶ୍ର, ସମୀର ଚନ୍ଦ୍ର ମିଶ୍ର ପ୍ରମୁଖ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ଜି.ଉଦୟଗିରି,୩।୧୨(ଡି.ଏନ.ଏ.)**

କନ୍ଧମାଳ ଜିଲା ଜି.ଉଦୟଗିରି ଥାନା ଅଞ୍ଚଳରେ ଜଣେ ସାତବର୍ଷର ନାବାଳିକାକୁ ପ୍ରଲୋଭନ ଦେଖାଇ ବଳାତ୍କାର ଅଭିଯୋଗରେ ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ବିଜୟ କୁମାର ନାୟକ (୫୦)। ତାଙ୍କୁ ଫୁଲବାଣୀ ପୋକ୍‌ସୋ କୋର୍ଟକୁ ଚାଲାଣ କରାଯାଇଛି।

ନାବାଳିକାଙ୍କ ପଡିଶା ଘରେ ରୁହନ୍ତି ଅଭିଯୁକ୍ତ। ନାବାଳିକା ସେଠାକୁ ଯିବାଆସିବା କରନ୍ତି। ଘରେ କେହି ନ ଥିବାର ସୁଯୋଗ ନେଇ ଚକୋଲେଟ୍ ଦେବାର ପ୍ରଲୋଭନ ଦେଖାଇ ମଙ୍ଗଳବାର ମଧ୍ୟାହ୍ନରେ ଅଭିଯୁକ୍ତ ନାବାଳିକାଙ୍କୁ ତାଙ୍କ ଦୋକାନକୁ ଡାକି ବଳାତ୍କାର କରିଥିଲେ। ପରିବାରଲୋକେ ଜାଣିବା ପରେ ବୁଧବାର ଥାନାରେ ଅଭିଯୋଗ କରିଥିଲେ। ଜି.ଉଦୟଗିରି ପୋଲିସ୍ ନଂ.୯୯/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତ ବିଜୟ କୁମାର ନାୟକଙ୍କୁ ଗିରଫ କରିଛି। ନାବାଳିକାଙ୍କୁ ଡାକ୍ତରୀମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ୧.୯୮ ଲକ୍ଷ ଗଞ୍ଜେଇ ଗଛ ପୋଡ଼ାଗଲା

**ନୂଆଗଡ/ଆର୍.ଉଦୟଗିରି, ୩।୧୨(ଡି.ଏନ୍.ଏ.)**

ଆର୍.ଉଦୟଗିରି ପୋଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ଉମା ଏବଂ ବାରିପଦର ଗ୍ରାମ ଜଙ୍ଗଲରେ ଚଢାଉ କରି ବ୍ୟାପକ ଗଞ୍ଜେଇ ଗଛ କାଟି ନଷ୍ଟ କରିଥିବା ଥାନା ଅଧିକାରୀ ମମତା ନାୟକ କହିଛନ୍ତି। ଆର୍.ଉଦୟଗିରି ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ଅବକାରୀ, ବନବିଭାଗ ଓ ରାଜସ୍ୱ ବିଭାଗ କର୍ମଚାରୀ ଅନୁଗୁଲୁ ଜିପି ଉମା ଗ୍ରାମର ୬୦ ଏକର ଜମିରୁ ୧ ଲକ୍ଷ ୨୦ ହଜାର ଗଞ୍ଜେଇ ଗଛ ଏବଂ ସୁନ୍ଦରଡାଙ୍ଗ ଜିପିର ବାରିପଦର ଗ୍ରାମ ଉକ୍ତ ଜଙ୍ଗଲରେ ଚଢାଉ କରି ପ୍ରାୟ ୪୮ ଏକର ଜମିରୁ ୯୬ ହଜାର ଗଛ କାଟି ନଷ୍ଟ କରିଛି। ଏ ନେଇ ଆର.ଉଦୟଗିରି ଥାନାରେ ନଂ ୧୦୭/୨୦ ଏବଂ ୧୦୫/୨୦ରେ ମାମଲା ରୁଜୁ କରାଯାଇଛି। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ନୂଆଗଡ ତହସିଲଦାର ଆଶିଷ କୁମାର ପ୍ରଧାନ, ଆର୍‌ଆଇ ସୁଶାନ୍ତ ଗମାଙ୍ଗ ଏବଂ ଏଆର୍‌ଆଇ ଭଗବାନ ଦାସ ଦାୟିତ୍ୱରେ ଥିଲେ।

# ଦିବ୍ୟାଙ୍ଗ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ

**ବ୍ରହ୍ମପୁର ଅଫିସ୍,୩।୧୨**

ଜିଲା ପ୍ରଶାସନ ଓ ଜିଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ସହାୟତାରେ ଗୁରୁବାର ନଗର ଚିକିତ୍ସାଳୟସ୍ଥିତ ଜିଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ପରିସରରେ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଜିଲାପାଳ କହିଥିଲେ। ଏହି ଅବସରରେ ୨୭ଟ୍ରାଇ ସାଇକେଲ୍, ୨୦ ହୁଇଲ୍ ଚେୟାର, ୧୦ ଆଶାବାଡ଼ି, ୧୦ ବ୍ଲାଇଣ୍ଡ ଷ୍ଟିକ୍, ୫ ଡେଜି ପ୍ଲେୟାର ଓ ୨୦ଶ୍ରବଣ ଯନ୍ତ୍ର ଜିଲାପାଳ ବଣ୍ଟନ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା କାର୍ଯ୍ୟକ୍ରମରେ ତତ୍ତ୍ୱାବଧାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜିତ୍ କୁମାର ରାଉଳ, ମୁରଲୀଧର ବେହେରା, ଲୋକନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ମିଲ୍‌ଟନ୍ ଦୃଷ୍ଟିହୀନ ସେବା ପ୍ରତିଷ୍ଠାନ ପକ୍ଷରୁ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସ୍ୱାମୀ ବିବେକାନନ୍ଦ ଭିନ୍ନକ୍ଷମ ତାଲିମ୍ ଓ ଗବେଷଣା ଅନୁଷ୍ଠାନର ଗବେଷକ ପ୍ରଫେସର ରାଜ କିଶୋର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୫୦ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସ୍ମାର୍ଟଫୋନ୍ ପ୍ରଦାନ କରାଯାଇଥିଲା। ଏଥିରେ ପୂର୍ବତନ କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣାଙ୍କ ସମେତ ଅନୁଷ୍ଠାନର ବହୁ ସଦସ୍ୟା ସଦସ୍ୟ ସହଯୋଗ କରିଥିଲେ।


ଗଞ୍ଜାମ ଜିଲାପାଳଙ୍କ ପକ୍ଷରୁ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ୍ ଦିଆଯାଉଛି।

**ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ**

# ଗଞ୍ଜେଇ ଜବତ ମାମଲା ଜେଲ ଗଲେ ୩ ଅଭିଯୁକ୍ତ

**ବ୍ରହ୍ମପୁର ଅଫିସ,୩।୧୨**

ଗଜପତି ଜିଲା ମୋହନା ଅଞ୍ଚଳରୁ ବେଆଇନ ଭାବେ ଗଞ୍ଜେଇ ବ୍ରହ୍ମପୁର ଆଣି ବାହାର ରାଜ୍ୟକୁ ଚାଲାଣ କରୁଥିବା ଅଭିଯୋଗରେ ପୋଲିସ ୩ ଚାଲାଣକାରୀଙ୍କୁ ଗିରଫ କରିଥିଲା। ପୁରୁଣା ବ୍ରହ୍ମପୁର ଗଣେଶ ନଗରର ସାଗର ମୂଳି (୨୧), ଗୋଳନ୍ଥରା ଥାନା ପଦ୍ମପୁର ଗ୍ରାମର ଅପୂର୍ବ ନାୟକ (୩୨) ଓ ଗଞ୍ଜାମ ଥାନା ଅନ୍ତର୍ଗତ ଅଲିଆବାଦର ବାପୁ ମହାପାତ୍ର (୩୯)ଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ପେସାଦାର ଅପରାଧୀମାନେ ଏବେ ଗଞ୍ଜେଇ ଚୋରାଚାଲାଣ ର୍ୟାକେଟରେ ସାମିଲ ହେଉଥିବା ପୋଲିସ ଜେରା ବେଳେ ଜାଣିବାକୁପାଇଛି। ସେହିପରି ବୁଧବାର ସକାଳେ ବୈଦ୍ୟନାଥପୁର ଥାନା ପୋଲିସ ଖୋଡ଼ାସିଙ୍ଗି ଶ୍ରୀଦେବୀ ନଗର ଅଞ୍ଚଳରୁ ଗଣେଶଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୨୮ କେଜି ୪୫୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ସେହିପରି ଅପରାହ୍ନରେ ସଦର ଥାନା ପୋଲିସ ବାଇଗଣବାଡ଼ି ଅଞ୍ଚଳରୁ ଅପୂର୍ବ ନାୟକ ଓ ବାପୁ ମହାପାତ୍ରଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୮କେଜି ୨୪୦ଗ୍ରାମ ଗଞ୍ଜେଇ ଓ ଏକ ବୁଲେଟ ଗାଡ଼ି ଜବତ କରିଥିଲା।




# ଦାଦାବଟିକୁ ନେଇ ଆକ୍ରମଣ, ହତ୍ୟା ଧମକ

**ଦିଗପହଣ୍ଡି,୩।୧୨(ଡି.ଏନ୍.ଏ.)**

ଦିଗପହଣ୍ଡି-ଘୋଡ଼ାହାଡ଼ ଡ୍ୟାମ ମୁଖ୍ୟ ରାସ୍ତା ନିମପଲ୍ଲୀ ଗାଁ ନିକଟରେ ଥିବା ସରକାରୀ ଲାଇସେନ୍ସପ୍ରାପ୍ତ ଦେଶୀ ମଦଭାଟିର ସହକାରୀ ମ୍ୟାନେଜର ଜି. ଶ୍ୟାମବାବୁ ରେଡ୍ଡୀଙ୍କୁ ଦାଦାବଟି ପାଇଁ ଆକ୍ରମଣ ସହ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ସେ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ତଦନ୍ତ ଚାଲିଥିବା ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି। ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ଶ୍ୟାମବାବୁ ତାଙ୍କ ବାଇକ୍‌ରେ ମଦଭାଟିକୁଯାଉଥିବା ବେଳେ ବିଦେଶୀ ମଦଦୋକାନ ନିକଟ ନିଛାଟିଆ ରାସ୍ତାରେ ୨ଜଣ ଯୁବକ ତାଙ୍କୁ ଅଟକାଇଥିଲେ। ଜଣେ ଯୁବକ ତାଙ୍କୁ ଗାଳିଗୁଲଜ ସହ ମାଡ ମାରିଥିଲେ। ମଦଭାଟିର ଅନ୍ୟ କେତେଜଣ କର୍ମଚାରୀ ଆସିଯିବାରୁ ଜଣେ ଯୁବକ ଭୁଜାଲିରେ ହାଣିବାକୁ ଗୋଡ଼ାଇବାରୁ ସେମାନେ ସେଠାରୁ କୌଶଳକ୍ରମେ ଖସି ଆସିଥିଲେ। ଦାଦାବଟି ନ ଦେଲେ ଦେଶୀ ମଦଭାଟିକୁ ବୋମା ପକାଇ ଉଡ଼ାଇଦେବୁ ବୋଲି ଦୁହେଁ ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି।

# ରଣରେ ବୁଡ଼ିଛି ଆସିକା ଚିନିକଳ

**ଛତ୍ରପୁର,୩।୧୨(ଡି.ଏନ.ଏ.)**

ଆସିକା ଚିନିକଳ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରିବା ସହ କ୍ଷତିରେ ଚାଲୁଛି। ଏସବୁ ସମସ୍ୟା ଓ ଅନ୍ୟାନ୍ୟ ବିଷୟକୁ ନେଇ ଗୁରୁବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଆସିକା ସମବାୟ ଚିନିକଳ କର୍ମଚାରୀ ସଂଘ କର୍ମକର୍ତ୍ତାଙ୍କୁ ନେଇ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସିକା ଚିନିକଳ ଉପରେ ୧୬ ବ୍ଲକର ଆଖୁଚାଷୀ ନିର୍ଭର କରିଥାନ୍ତି। ୧୯୯୫ ମସିହାରେ ମ୍ୟାନେଜମେଣ୍ଟ ଜରିଆରେ ଚିନିକଳର ଉତ୍ପାଦନ ହାର ଦୈନିକ ୧୨୫୦ ଟନରୁ ୨୫୦୦ ଟନ୍ କରିବା ନିମନ୍ତେ ୮ କୋଟି ଟଙ୍କା ଋଣ ଅଣାଯାଇଥିଲା। ବର୍ତ୍ତମାନ ଏବେ ସୁଧ ଓ ଅନ୍ୟାନ୍ୟ ବାବଦରେ ଏହା ୩୬ କୋଟିରେ ପହଞ୍ଚିଛି। ୮ କୋଟି ମୂଳ ଶୁଝା ଯାଇଥିଲେ ବି ଅନ୍ୟ ଟଙ୍କା ବାକିଥିବାରୁ ସରକାର ଏହି ଚିନିକଳର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା କିପରି ସମାଧାନ ହୋଇପାରିବ ସେ ନେଇ ଜିଲାପାଳଙ୍କୁ ସଂଘ ସଭାପତି ରାମକୃଷ୍ଣ ପଣ୍ଡା ଅନୁରୋଧ କରିଥିଲେ। ଏଥିସହ ଶ୍ରମିକମାନଙ୍କ ସମସ୍ୟା, କର୍ମଚାରୀମାନଙ୍କ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଆଖୁଚାଷୀ, ଶ୍ରମିକମାନଙ୍କ ସହ ପୁଣି ଏକ ବୈଠକ କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ଅମୀୟ କୁମାର ସାହୁ, ଚିନିକଳର କାର୍ଯ୍ୟନିର୍ବାହୀ ପରିଚାଳନା ନିର୍ଦ୍ଦେଶକ ଦିଲୀପ କୁମାର ଭୋଳ, ସଂଘ ଉପସଭାପତି ପ୍ରଶାନ୍ତ କୁମାର ପାଟ୍ଟଯୋଶୀ, ସମ୍ପାଦକ ପ୍ରଶାନ୍ତ କୁମାର କର, ଯୁଗ୍ମ ସମ୍ପାଦକ ଏମ.ରାମବାବୁ ଦୋରା, ସହ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ଗାଡ଼ିରୁ ୧୦ହଜାର ଟଙ୍କା ଜରିମାନା ଆଦାୟ

**ପାରଳାଖେମୁଣ୍ଡି,୩।୧୨ (ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ଆଦର୍ଶ ଥାନା ପକ୍ଷରୁ ବୁଧବାର କ୍ଷମତାଠାରୁ ଅଧିକ ଲୋକନେଇ ଯାଉଥିବା ୨ଟି ପିକ୍‌ଅପ୍ ଗାଡ଼ିରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଗାଡି ଦୁଇଟି ପଡୋଶୀ ଆନ୍ଧ୍ରରୁ ଆସୁଥିବାବେଳେ ଏଥିରେ ବହୁ ଲୋକ ଭର୍ତ୍ତି ହୋଇଥିଲେ। ପାରଳାଖେମୁଣ୍ଡି ମୁଖ୍ୟ ବଜାର ରାସ୍ତାରେ ଆଦର୍ଶ ଥାନା ପକ୍ଷରୁ ଉକ୍ତ ଗାଡି ଦୁଇଟିକୁ ଅଟକାଯାଇ ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଜଣାଇଛନ୍ତି।

# ବୁଗୁଡ଼ାରେ ହେଲ୍‌ମେଟ୍ ଯାଞ୍ଚ କଡ଼ାକଡ଼ି

**ବୁଗୁଡ଼ା,୩।୧୨(ଡି.ଏନ୍.ଏ.)**

ଡିସେମ୍ବର ପହିଲାରୁ ବୁଗୁଡ଼ାରେ ହେଲମେଟ୍ ଯାଞ୍ଚକୁ କଡାକଡି କରାଯାଇଛି। ସ୍ଥାନୀୟ ହାଇସ୍କୁଲ ଛକ ଓ ମଦନ ମୋହନ ଛକରେ ପୋଲିସ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଇ ୩ଦିନ ମଧ୍ୟରେ ବିନା ହେଲ୍‌ମେଟ୍‌ରେ ବାଇକ୍ ଚାଳନା କରୁଥିବା ୫୦ରୁ ଉର୍ଦ୍ଧ୍ୱ ଚାଳକଙ୍କଠାରୁ ୩୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଦଶ ଜଣ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ମଧ୍ୟ ଜବତ କରାଯାଇଛି। ନୂତନ ପରିବହନ ଆଇନର ଖିଲାପ କରି ଜରିମାନାର ଶିକାର ହୋଇଥିବା କେତେକ ଚାଳକ ପୋଲିସର ଏପରି କଡାକଡି ଯାଞ୍ଚକୁ ନେଇ ଅସନ୍ତୋଷ ପ୍ରକାଶ କରୁଥିବା ବେଳେ ବୁଦ୍ଧିଜୀବୀ ସ୍ୱାଗତ କରିଛନ୍ତି।

# ପରୀକୁ ନ୍ୟାୟ ଦାବିରେ ଏବିଭିପିର ବିକ୍ଷୋଭ



ଏବିଭିପି ପକ୍ଷରୁ ବିକ୍ଷୋଭ।

**ବ୍ରହ୍ମପୁର ଅଫିସ୍,୩।୧୨**

ପରୀକୁ ନ୍ୟାୟ ଦାବିରେ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ପକ୍ଷରୁ ଗୁରୁବାର ବ୍ରହ୍ମପୁରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଖଲ୍ଲିକୋଟ କଲେଜ ସମ୍ମୁଖରେ ମନ୍ତ୍ରୀ ଅରୁଣ ସାହୁଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ପରୀ ହତ୍ୟାର ଦୀର୍ଘଦିନ ପରେ ବି ଦୋଷୀ ଗିରଫ ହୋଇ ନ ଥିବାରୁ ମନ୍ତ୍ରୀ ସାହୁ ଇସ୍ତଫା ଦେବା ସହ ଘଟଣା ସିବିଆଇ ତଦନ୍ତ ପାଇଁ ଏବିଭିପି ଦାବି କରିଛି। ଏଥିରେ ଏବିଭିପି ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ରଙ୍କ ସମେତ କୃଷ୍ଣ ଦଳାଇ, ଯୁଧିଷ୍ଠିର ବେହେରା ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଅଧାରେ ରହିଛି ପୋଲ କାମ, ଭରସା ଦେଶୀ ଡଙ୍ଗା

**ବ୍ରହ୍ମପୁର ଅଫିସ, ୩।୧୨**

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ହରିପୁର ପଞ୍ଚାୟତରୁ ଗୋପାଳପୁର ବେଳାଭୂମିକୁ ସଂଯୋଗ ପାଇଁ ଚାଲିଥିବା ପୋଲ କାମ ଦୁଇବର୍ଷ ହେଲାଣି ଶେଷ ହୋଇନାହିଁ। ୨୦୧୯ ଫେବୃୟାରୀରେ ୧୧ କୋଟି ୩୬ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସେତୁ କାମ ଆରମ୍ଭ ହୋଇଥିଲା, କିନ୍ତୁ ତାହା ଅଧାରେ ଅଟକିଛି। ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବାରୁ ପାଖାପାଖି ୧୦ ଗ୍ରାମ ଲୋକ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଋତୁରେ ଯାତାୟାତ ବନ୍ଦ ହୋଇଯାଉଛି। ଫଳରେ ଲୋକମାନେ ବିପଦ ସଙ୍କୁଳ ଅବସ୍ଥାରେ ଦେଶୀ ଡଙ୍ଗାରେ ନଦୀ ପାର ହେଉଛନ୍ତି। ଏହି ନଦୀ ସମୁଦ୍ର ସହିତ ସଂଯୋଗ ଥିବାରୁ ଏଥିରେ ସ୍ରୋତ ଅଧିକ ଥାଏ। ଫଳରେ ଅନେକ ସମୟରେ ଲୋକମାନେ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି। ଅଞ୍ଚଳବାସୀ ଶୀଘ୍ର ପୋଲ କାମ ସାରିବାକୁ ବାରମ୍ବାର ଦାବି କରିଥିଲେ ମଧ୍ୟ କେହି ସେମାନଙ୍କ କଥା ଶୁଣି ନ ଥିବା କହିଛନ୍ତି। ୧୨୦ମିଟର ଲମ୍ବ, ୧୬ମିଟର ପ୍ରସ୍ଥ, ୧୨ ସ୍ୱାମ୍ ବିଶିଷ୍ଟ ଏହି ଉଚ୍ଚ ପୋଲର ନିର୍ମାଣ ୮୦ଭାଗ ସରିଥିଲେ ମଧ୍ୟ ଏହାକୁ ସଂଯୋଗ କରିବା ପାଇଁ ଅନ୍ୟ ଏକ ରାସ୍ତା ଆବଶ୍ୟକତା ଥିବାରୁ ଅଟକି ରହିଛି କାମ। ଏହି ପୋଲ ନିର୍ମାଣ ହେଲେ ଗୋପାଳପୁର, ହରିପୁର ଓ ଛତ୍ରପୁରକୁ ଖୁବ୍ କମ୍ ସମୟ ମଧ୍ୟରେ ଯିବା ଆସିବା ହୋଇପାରିବ। ଠିକାଦାରଙ୍କ କହିବା କଥା ଆମକୁ ପୂର୍ତ୍ତବିଭାଗ ୨୦୨୦ ଅଗଷ୍ଟ ପୂର୍ବରୁ କାମ ସରିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଆମେ ମଧ ତା' ପୂର୍ବରୁ ସମସ୍ତ କାମ ସାରିଥିଲୁ, କିନ୍ତୁ ଆପ୍ରୋଚ ରୋଡ ପାଇଁ କାମ ଅଟକିଛି। ଏହି ବିଷୟରେ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ତପନ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ଏହି ପୋଲ ପାଇଁ ଯେତିକି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ତାହା ସରିଯାଇଛି। ଆଉ ଗୋଟିଏ ଏଷ୍ଟିମେଟ ରିପୋର୍ଟ ପଠାଯାଇଛି। ସରକାରଙ୍କ ନିକଟକୁ ଅନୁମୋଦନ ହୋଇ ଆସିବା ପରେ କାମ ଆରମ୍ଭ କରାଯିବ।


ଅଧାରେ ଅଟକିଛି ପୋଲ ଆପ୍ରୋଚ୍।

**ଯାତାୟାତ ବାଧାପ୍ରାପ୍ତ**

## ସଂକ୍ଷେପରେ

### ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗ, ବୃଦ୍ଧ ଅଟକ

ଦିଗପହଣ୍ଡି,୩।୧୨(ଡି.ଏନ୍.ଏ.)- ଦିଗପହଣ୍ଡି ଥାନା ଅଞ୍ଚଳର ଏକ ଗାଁରେ ଜଣେ ଅନୁସୂଚିତ ଜାତିର ୭ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଏନେଇ ଗୁରୁବାର ପୀଡ଼ିତାଙ୍କ ମା' ଏତଲା ଦେବା ପରେ ନଂ.୨୮୪/୨୦ ଦଫା-୩୬୩/୩୭୬(କ)(ଖ)/୫୦୬ ଆଇପିସି ସମେତ ଶିଶୁ ଯୌନ ନିର୍ଯାତନା ନିରୋଧ ଆଇନ (ପୋକ୍‌ସୋ) ଓ ଏସ୍‌ସିଏସ୍‌ଟି ଆକ୍ଟରେ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ବସନ୍ତ କୁମାର ସେଠୀ କହିଛନ୍ତି। ଦିଗପହଣ୍ଡି ପୋଲିସ ଅଭିଯୁକ୍ତ ନାରାୟଣ ପ୍ରଧାନ ନାମକ ଜଣେ ବୃଦ୍ଧଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛନ୍ତି। ଘଟଣା ଗତ ସୋମବାର ସନ୍ଧ୍ୟାରେ ଘଟିଥିଲେ ମଧ ଭୟରେ ପୀଡ଼ିତାଙ୍କ ପରିବାର ଲୋକେ ଥାନାରେ ରିପୋର୍ଟ କରି ପାରିନଥିବା ଏତଲାରେ ଉଲ୍ଲେଖ କରିଛନ୍ତି ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ରନାଥ ମୁର୍ମୁ କହିଛନ୍ତି। ଶିଶୁକନ୍ୟା ଜଣକ ସନ୍ଧ୍ୟାରେ ଘର ପାଖରେ ଖେଳୁଥିବାବେଳେ ଅଭିଯୁକ୍ତ ବୃଦ୍ଧ ତାଲାବନ୍ଦ ଥିବା ଏକ ଘର ବାରଣ୍ଡାକୁ ଟେକିନେଇ ବଳାତ୍କାର କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଏସ୍‌ଡିପିଓ କହିଛନ୍ତି। ଶୁକ୍ରବାର ଡାକ୍ତରୀମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ।

### ଅନିଶ୍ଚିତତାରେ ଜବରଦଖଲ ଉଚ୍ଛେଦ

#### କାଶୀନଗର ଏନ୍‌ଏସି

କାଶୀନଗର,୩।୧୨(ଡି.ଏନ୍.ଏ.)- ବିଭିନ୍ନ ସଙ୍ଗଠନ ତରଫରୁ କାଶୀନଗର ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ନଭେମ୍ବର ୧୧ରେ ଜବର ଦଖଲ ହଟାଇବାକୁ ଧାରଣା କରାଯାଇଥିଲା। ଏହାପରେ କାଶୀନଗର ସହରରୁ ଜବର ଦଖଲ ଉଚ୍ଛେଦ ପାଇଁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କିନ୍ତୁ ବିଧାନସଭା ଆରମ୍ଭ ହେବାରୁ ଏହି କାର୍ଯ୍ୟକୁ ସ୍ଥଗିତ ରଖାଯାଇଥିଲା। ପ୍ରକାଶ ଥାଉକି, ପୂର୍ବତନ କାଶୀନଗର ତହସିଲଦାର ମନୋରଞ୍ଜନ ସାହୁଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଜବର ଦଖଲ ଉଚ୍ଛେଦ ପାଇଁ ଦାବିପତ୍ର ଦିଆଯାଇଥିଲା। ଏହାପରେ ମଧ ଏପରି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ଇତିମଧ୍ୟରେ ତାଙ୍କର ବଦଳି ହୋଇ ଯିବାରୁ କାମଟି ଅଟକି ଯାଇଥିଲା। ପରେ ଶାନ୍ତି ସ୍ୱରୂପ ମିଶ୍ର ତହସିଲଦାର ଦାୟିତ୍ୱ ଗ୍ରହଣ କରିବା ପରେ ବିଭିନ୍ନ ମହଲରୁ ଦାବି ହେବାରୁ ସେ ମଧ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଥିଲେ। ମାତ୍ର କୋରନା ଯୋଗୁ ପ୍ରକ୍ରିୟା ଅଟକି ଯାଇଥିଲା। ବର୍ତ୍ତମାନ ବିଧାନସଭା ସରିଯାଇଛି ଓ କରୋନା ପ୍ରାଦୁର୍ଭାବ କମିଛି। ଏବେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିବାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ଯଦି ଏଥିରେ ବିଳମ୍ବ ହୁଏ କାଶୀନଗରର ଯୁବ ଗୋଷ୍ଠୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରି କାଶୀନଗର ସହର ବନ୍ଦ କରିବ ବୋଲି ନିଷ୍ପତ୍ତି ନେଇଛି। ପାରଳାଖେମୁଣ୍ଡି ଠାରୁ କିଡିଙ୍ଗା ପର୍ଯ୍ୟନ୍ତ ଜବର ଦଖଲ ଉଚ୍ଛେଦ କାର୍ଯ୍ୟ ସରିଥିବା ବେଳେ କାଶୀନଗର ସହରରୁ କାହିଁକି ଜବରଦଖଲ ଉଚ୍ଛେଦ ହୋଇପାରୁନି ତାହା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଏନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟସମ୍ପନ୍ନା ରାଉତଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।

# ଚାଷୀଙ୍କ ଜୀବନଧାରା ଘୋଡ଼ାହାଡ଼ ଡ୍ୟାମ

ଅଶେଷ ନାଥ ମିଶ୍ର
ଦିଗପହଣ୍ଡି,୩।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଖମାରି ଗାଁ ନିକଟ କିଆଝରଣା ଓ ରାମଗଡ଼ ପାହାଡ ମଝିରେ ପ୍ରବାହିତ ଘୋଡ଼ାହାଡ଼ ନଦୀ ଉପରେ ରହିଛି ଘୋଡାହାଡ ଡ୍ୟାମ୍।

ଘୋଡ଼ାହାଡ଼ ନଦୀର ନାଁ ପ୍ରଥମେ ଅଶ୍ୱକୁଲ୍ୟା ଥିଲା। 'କୁଲ୍ୟା' ଏକ ସଂସ୍କୃତ ଶବ୍ଦ। ଏହାର ଅର୍ଥ ନଦୀ ବା ନାଳୟଦ୍ରୁତ ଧାବମାନ ଅଶ୍ୱ। ଘୋଡ଼ା ଭଳି ନଦୀର ପାଣି ଗଜପତି ଜିଲା ରାମଗିରି ପାହାଡ଼ ପାଦଦେଶରୁ ବହି ଆସୁଥିବାରୁ ଏହି ନଦୀକୁ ଅଶ୍ୱକୁଲ୍ୟା କୁହାଯାଉଥିଲା। ପରେ ଏହା ଘୋଡ଼ାହାଡ଼ ବୋଲି ପରିଚିତ ହେଲା। ୧୭୮୦ ମିଟର ଲମ୍ବ ବିଶିଷ୍ଟ ଏହି ଡ୍ୟାମକୁ ୧୯୭୭ ମସିହାରେ ବହୁ ଚାଷୀଙ୍କ ଉପସ୍ଥିତିରେ ଜଳସମ୍ପଦ ବିଭାଗର ଜଣେ ତତ୍କାଳୀନ ପଦସ୍ଥ ଅଧିକାରୀ ଇଂ. କେ. ଆୟାରଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ଡ୍ୟାମର କ୍ୟାଚମେଣ୍ଟ ଏରିଆ ୧୩୮ ବର୍ଗ କିଲୋମିଟର, ଡେଡ୍ ଷ୍ଟୋରେଜ୍ ଲେଭଲ୍ ୧୦୬.୦୮ ମିଟର। ଏହି ଡ୍ୟାମରେ ଗଚ୍ଛିତ ଜଳରାଶିକୁ ବାମ ଓ ଦକ୍ଷିଣ ପାର୍ଶ୍ୱ କେନାଲ ଜରିଆରେ ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକର ପ୍ରାୟ ୭୫୫୮ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଉଛି। ଡ୍ୟାମର ଗୋଟିଏ ସ୍ଲୁଇସ୍ ଗେଟ୍ ଦ୍ୱାରା ପାଣି କେନାଲ ମଧ୍ୟକୁ ଛଡା ଯାଉଥିବା ବେଳେ ଡ୍ୟାମ ହେଡ୍‌ୱାସରେ ନିର୍ମିତ ୬ଟି ରେଡିଏଲ୍ ଗେଟ୍ ଜରିଆରେ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ରହିଛି। ଅଞ୍ଚଳ ଚାଷୀଙ୍କ ଏହା ଲାଇଫ୍ ଲାଇନ୍ କହିଲେ ଅତ୍ୟୁକ୍ତି ହେବନାହିଁ।


ଡ୍ୟାମର ବିସ୍ତୀର୍ଣ୍ଣ ଜଳରାଶି।

ଦୀର୍ଘବର୍ଷ ହେଲା ଡ୍ୟାମର ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଡ୍ୟାମ ପ୍ରତି ବିପଦ ଦେଖାଦେଇଛି। ଡ୍ୟାମକୁ ୨ ନଦୀ ଓ ୮/୧୦ଟି କ୍ଷୁଦ୍ର ନଦୀ, ଝରଣାମାନଙ୍କରୁ ପ୍ରାୟ ୦.୧୫ ମିଲିୟନ କ୍ୟୁବିକ୍ ମିଟର ପଟୁ ମାଟି ପଶି ଆସୁଥିବାରୁ ସେଥିରୁ ଉତ୍ପନ୍ନ ଜଳଛାୟା ଗୁଡ଼ିକ ଏବେ

- ପୁନରୁଦ୍ଧାର ଆବଶ୍ୟକ
- ପର୍ଯ୍ୟଟନସ୍ଥଳର ମାନ୍ୟତା ମିଳୁ

ଡ୍ୟାମ ପାଇଁ ଅଧିକ ବିପଦ ସୃଷ୍ଟି କରିଛି। ନଦୀବନ୍ଧର ଗର୍ଭ ପୋତି ହୋଇଯିବା ସହ ଜଳଧାରଣ କ୍ଷମତା ହ୍ରାସ ପାଇ ଜଳସଙ୍କଟ ଦେଖାଦେବାର ଆଶଙ୍କା ରହିଛି। ଡ୍ୟାମର ନଦୀଶଯ୍ୟା ଓ ମାଟି ବନ୍ଧ ପାର୍ଶ୍ୱର ସୁରକ୍ଷା ପ୍ରତି ଗୁରୁତ୍ୱାରୋପ କରାଯାଉ ନଥିବାରୁ ୧୯୯୦ ବନ୍ୟା ଓ ୧୯୯୯ ମହାବାତ୍ୟା ଭଳି କୌଣସି ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ ଡ୍ୟାମର ସ୍ପିଲ ୱେ ଏବଂ ମାଟିବନ୍ଧକୁ ସୁରକ୍ଷା ଦେବା ସମ୍ଭବ ହେବନାହିଁ। ରାଜ୍ୟ ଜଳସମ୍ପଦ ବିଭାଗ ଅବହେଳା ନକରି ଡ୍ୟାମର ଗର୍ଭ ଖନନ କରି ସଂସ୍କାର ପ୍ରତି ପ୍ରଯତ୍ନ ହେବାସହ ମାଟି ବନ୍ଧକୁ କଂକ୍ରିଟ କରିବା ପାଇଁ ପଦକ୍ଷେପ ନେବା ଜରୁରୀ ହୋଇପଡିଛି।

ଘୋଡାହାଡ ଡ୍ୟାମରେ ୬୫ଟି କୁମ୍ଭୀର ଥିବାବେଳେ ଶୀତଦିନେ ଏଠାରେ ବିଦେଶାଗତ ପକ୍ଷୀଙ୍କ ଭିଡ ଜମେ। ନିକଟରେ ରହିଛି ପୁରାଣ ପ୍ରସିଦ୍ଧ ଉଜ୍ଜଳେଶ୍ୱର ଶୈବପୀଠ। ଫଳରେ ଏଠାରେ ପର୍ଯ୍ୟଟନ ଋତୁରେ ବେଶ୍ ଭିଡ ଜମେ। ମାତ୍ର ଏଠାରେ ୱାଚ୍ ଟାୱାର ନ ଥିବା ଓ ନଦୀରେ ମତ୍ସ୍ୟଜୀବୀଙ୍କ ଅବାଧ ପ୍ରବେଶ ସେମାନଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ ପାଇଁ ଘୋଡାହାଡ ଡ୍ୟାମ୍‌ରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ରହିଛି, ଅଥଚ ଏଯାବତ୍ ପର୍ଯ୍ୟଟନସ୍ଥଳର ମାନ୍ୟତା ମିଳୁନାହିଁ।

# କୃଷକ ଆନ୍ଦୋଳନକୁ ସମର୍ଥନ ଜଣାଇ ବିକ୍ଷୋଭ

ବ୍ରହ୍ମପୁର ଅଫିସ୍/
ବୁଗୁଡ଼ା, (ଡି.ଏନ.ଏ.), ୩।୧୨

ଦିଲ୍ଲୀରେ ଚାଲିଥିବା କୃଷକ ଆନ୍ଦୋଳନକୁ ସମର୍ଥନ ଜଣାଇ ଅଲ୍ ଇଣ୍ଡିଆ ଡିଏସ୍‌ଓ ଜିଲା କମିଟି, ଓଡ଼ିଶା କୃଷକ ସଭା, ସିଆଇଟିୟୁ ଓ କ୍ଷେତ ମୂଲିଆ ସଙ୍ଗଠନ ଏବଂ କ୍ରାନ୍ତିକାରୀ କୃଷକ ସଭା ଜିଲା କମିଟି ପକ୍ଷରୁ ଗୁରୁବାର ସହରର ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖ, କମାପଲ୍ଲୀ, ପୁରୁଣା ବସ୍‌ଷ୍ଟାଣ୍ଡରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କରୋନା ସମୟରେ କେନ୍ଦ୍ର ସରକାର ସାଧାରଣ ଲୋକଙ୍କୁ ସହାୟତା ହାତ ନ ବଢାଇ ଶିକ୍ଷା, ସ୍ୱାସ୍ଥ୍ୟ, ରେଳ ଓ କୃଷିକୁ ପୁଞ୍ଜିପତିଙ୍କ ହାତରେ ଟେକିଦେଇ ନୂତନ ଆଇନ୍ ଆଣିଛନ୍ତି। ଚାଷୀଙ୍କୁ ଋଣ ଛାଡ଼ ଓ ଫସଲର ଉପଯୁକ୍ତ ମୂଲ୍ୟ ଦେବା ପରିବର୍ତ୍ତେ କୃଷକ ବିରୋଧୀ ଅଧ୍ୟାଦେଶକୁ ସଂସଦରେ ବିନା ଆଲୋଚନାରେ ପାସ୍ କରି ଆଇନରେ ପରିଣତ କରିଛନ୍ତି। ଏଣୁ ଚାଷୀ ବିରୋଧୀ କୃଷି ଆଇନ୍‌କୁ ବାତିଲ୍ କରିବା ପାଇଁ ସଂଘଗୁଡିକ ଦାବି କରିଛନ୍ତି। ଏଥିରେ ସୋମନାଥ ବେହେରା, ଭବାନୀ ଶଙ୍କର ମିଶ୍ର, ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ ଓ ଶିବପ୍ରସାଦ ମହାପାତ୍ରଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

ସେହିପରି ବୁଗୁଡ଼ା ବ୍ଲକର ବିଭିନ୍ନ ଆଦିବାସୀ ଓ ଚାଷୀ ଗାଁରେ ବୈଠକ, ବିକ୍ଷୋଭ କରି ଐତିହାସିକ ଦିଲ୍ଲୀର କୃଷକ ସଂଘର୍ଷକୁ ସମ୍ମତି ପ୍ରଦାନ କରିଛନ୍ତି। କୃଷକ ବିରୋଧୀ ତଥା କର୍ପୋରେଟ ସପକ୍ଷବାଦୀ ୩ଟି କୃଷି ଆଇନ ଓ ବିଦ୍ୟୁତ ସଂଶୋଧନ ବିଲ୍-୨୦୨୦କୁ ରଦ୍ଦ କରିବାକୁ କ୍ରାନ୍ତିକାରୀ କୃଷକ ସଭା ୩ ଡିସେମ୍ବର ୨୦୨୦କୁ ଦେଶବ୍ୟାପୀ ସମ୍ମତି ଦିବସ ଭାବେ ପାଳନ କରିବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାକୁ ଏହାର ନେତୃତ୍ୱ ଆଦିବାସୀ ନେତା ପ୍ରସନ୍ନ ଦଳ ବେହେରା, ବଳଭଦ୍ର ମଲ୍ଲିକ, ଦଣ୍ଡପାଣି ଜାନି ନେଇଥିଲେ।



ବ୍ରହ୍ମପୁରରେ ଅଲ୍ ଇଣ୍ଡିଆ ଡ଼ିଏସ୍‌ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ସବୁ କ୍ଷେତ୍ରରେ ସକ୍ଷମ ଭିନ୍ନକ୍ଷମ

ଛତ୍ରପୁର,୩।୧୨(ଡି.ଏନ.ଏ)

ଗଞ୍ଜାମ ଜିଲା ଭିନ୍ନକ୍ଷମ କଲ୍ୟାଣ ମହାସଂଘ ପକ୍ଷରୁ ଗୁରୁବାର ଛତ୍ରପୁରସ୍ଥିତ ପବ୍ଲିକ ସ୍କୁଲ ସଭାଗୃହରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। କୋଭିଡ୍-୧୯ ମହାମାରୀ ଯୋଗୁ ସ୍ୱଳ୍ପ ସଂଖ୍ୟକ ଭିନ୍ନକ୍ଷମଙ୍କୁ ନେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ଯୋଗାଣ ଅଧିକାରୀ ଉମାଶଙ୍କର ପତି ଯୋଗଦେଇ ବିଭିନ୍ନ ପ୍ରକାର ଭିନ୍ନକ୍ଷମତା ଉପରେ ଆଲୋକପାତ କରିଥିବାବେଳେ ମନସ୍ତତ୍ତ୍ୱବିତ୍ ଡା. ବସନ୍ତ କୁମାର ଦାସ ଭିନ୍ନକ୍ଷମତାର କାରଣ ଓ ନିରାକରଣ ସମ୍ପର୍କରେ କହିଥିଲେ। ଭିନ୍ନକ୍ଷମମାନେ ସବୁ କ୍ଷେତ୍ରରେ ଏବେ ସକ୍ଷମ। ବିଭିନ୍ନ କ୍ଷେତ୍ରରେ ଏମାନେ ନିଜର ଜାହିର ପ୍ରତିପାଦନ କରି ବହୁ ସୁନାମ ଆଣିଥିବା ବକ୍ତାମାନେ କହିଥିଲେ। ଜିଲା ଭିନ୍ନକ୍ଷମ କଲ୍ୟାଣ ମହାସଂଘ ସାଧାରଣ ସମ୍ପାଦକ ଡ. କେ. ଆନନ୍ଦ ରାଓଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସନ୍ତୋଷ କୁମାର ପାଢୀ, ଲୋକନାଥ ମିଶ୍ର, ବନ୍ଦିତା ତ୍ରିପାଠୀ, ମିତେନ କୁମାର ଭୂୟାଁ, ସୁଧୀର କୁମାର ପଟ୍ଟନାୟକ, ଅବନୀ ଦୟା, ପ୍ରଭାକର ରାଓ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଦିବ୍ୟାଙ୍ଗ ନୃତ୍ୟ ଶିଳ୍ପୀ ସୁଦର୍ଶନ ପାଢୀ ନୃତ୍ୟ ପରିବେଷଣ କରିଥିଲେ।


ବୈଠକରେ ଉପସ୍ଥିତ ଅତିଥିମାନେ।

## ଶାନ୍ତି ପ୍ରତିଷ୍ଠା ପାଇଁ ବୈଠକ

ଗଞ୍ଜାମ,୩।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲା ରମ୍ଭା ଥାନା କାର୍ତ୍ତିକଢ଼ୀ ଗ୍ରାମରେ ଦୀର୍ଘମାସ ହେବ ରେଡ୍ଡିପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଏହାର ସମାଧାନ ପାଇଁ ପ୍ରଶାସନ ସ୍ତରରେ ଏକ ଆଲୋଚନା ବୈଠକ ଗୁରୁବାର ଗଞ୍ଜାମ ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ତହସିଲଦାର ଅରୁଣ ନାୟକ ଅଧ୍ୟକ୍ଷତା କରିଥିଲେ। ରମ୍ଭା ଥାନା ଆଇଆଇସି କୃଷ୍ଣଚନ୍ଦ୍ର ସେଠୀ, ପାଲିବନ୍ଧ ସରପଞ୍ଚ ଦିଲ୍ଲୀପ କୁମାର ଛୋଟରାୟ, ସ୍ଥାନୀୟ ସରପଞ୍ଚ ନିରଞ୍ଜନ ରେଡ୍ଡି, ଆର୍. ଭାଗ୍ୟରେଡ୍ଡି, ଅନ୍ତର୍ଯ୍ୟାମୀ ବେହେରା, ଉମା ଜେନା, ଗ୍ରାମ୍ୟ କମିଟି ସଭାପତି ଡି. ରାମଚନ୍ଦ୍ରଙ୍କ ସମେତ କାର୍ତ୍ତିକଢ଼ୀ ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମ ଭଦ୍ରବ୍ୟକ୍ତି ଓ ପ୍ରଶାସନକୁ ନେଇ ଶାନ୍ତି କମିଟି ଗଠନ ହୋଇଛି।

## ସୁନାଚେନ୍ ପାଇ ଥାନାରେ ଦେଲେ ଯୁବକ

ଦିଗପହଣ୍ଡି,୩।୧୨(ଡି.ଏନ୍.ଏ.)

ଦିଗପହଣ୍ଡି ବସ୍‌ଷ୍ଟାଣ୍ଡରୁ ଗୁରୁବାର ସଞ୍ଜୟ ମହାପାତ୍ର ଓରଫ ମିଟୁ ନାମକ ଜଣେ ଯୁବକ ୧୫ ଗ୍ରାମ ଓଜନର ସୁନା ଚେନ ପାଇ ଥିଲେ। ବସ୍‌ଷ୍ଟାଣ୍ଡ ପାଖ ଏକ ପାନ ଦୋକାନ ସମ୍ମୁଖରୁ ମିଳିଥିବା ଏହି ସୁନାଚେନଟିକୁ ସେ ସନ୍ଧ୍ୟାରେ ଦିଗପହଣ୍ଡି ଥାନାରେ ପହଞ୍ଚି ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ରନାଥ ମୁର୍ମୁ ଆଇଆଇସି ବସନ୍ତ କୁମାର ସେଠୀଙ୍କ ଉପସ୍ଥିତିରେ ହସ୍ତାନ୍ତର କରିଥିଲେ। ଥାନା ପରିସରରେ ଆଇଆଇସିଙ୍କ ସଂଯୋଜନାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସ୍‌ଡିପିଓ ମିଟୁଙ୍କୁ ପୁଷ୍ପଗୁଚ୍ଛ ଦେଇ ଏଭଳି କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ। ମିଟୁ ଦିଗପହଣ୍ଡି ଏନ୍‌ଏସି ୱାର୍ଡ ନଂ.୪ର ପ୍ରାକ୍ତନ କାଉନ୍‌ସିଲର।

# ସେମିନାର ପାଇଁ ଅନ୍‌ଲାଇନ ଭରସା

ଭଞ୍ଜନଗର,୩।୧୨(ଡି.ଏନ୍.ଏ.)

ସ୍ୱାଧୀନ ଭାରତର ପ୍ରଥମ ରାଷ୍ଟ୍ରପତି ଡ଼.ରାଜେନ୍ଦ୍ର ପ୍ରସାଦଙ୍କର ଗୁରୁବାର ଥିଲା ଜନ୍ମ ଦିବସ। ଏହି ଦିବସକୁ ମନେପକାଇବା ପାଇଁ କୃଷି ଶିକ୍ଷା ଦିବସ ଭାବେ ଜାତୀୟସ୍ତରରେ ପାଳନ କରାଯାଉଛି। ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଗୁରୁବାର ଅନ୍‌ଲାଇନ ମାଧ୍ୟମରେ କୃଷି ଶିକ୍ଷା ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ଆଗାମୀ ଦିନରେ ଉଚ୍ଚତର ଶିକ୍ଷା କରିବାକୁ ଚାହୁଁଥିବା ଛାତ୍ରୀଛାତ୍ର କିଭଳି କୃଷିକ୍ଷେତ୍ର ଏବଂ କୃଷି ବିଜ୍ଞାନ ପାଠ୍ୟକ୍ରମ ପ୍ରତି ଆଗ୍ରହ ଦେଖାଇବେ ସେନେଇ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଆଲୋଚନାରେ କେନ୍ଦ୍ରୀୟ ବିଦ୍ୟାଳୟ, ଡିଏଭି, ସେଣ୍ଟଆନ୍ସ, ସେଣ୍ଟ ଜାଭିୟର ହାଇସ୍କୁଲ ଏବଂ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ବରିଷ୍ଠ ବୈଜ୍ଞାନିକ ସ୍ୱାଗତିକା ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଜ୍ଞାନିକ ଡ଼.ସନ୍ତୋଷ କୁମାର ସାମନ୍ତରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବୈଜ୍ଞାନିକ ପ୍ରଶାନ୍ତ ପଣ୍ଡା, ଅଧ୍ୟାପିକା ସୁନିତାରାଣୀ ଖଣ୍ଡୁଆଳ, ସସ୍ମିତା ଦାସ, ସ୍ମରଣିକା ପାଢ଼ୀ, ଅଧ୍ୟାପକ ବୁଧିନାଥ ବେହେରା, ଶିତିକଣ୍ଠ ମିଶ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

ପ୍ରକାଶ ଯେ, କରୋନା କଟକଣା ଯୋଗୁ ଶିକ୍ଷାନୁଷ୍ଠାନଗୁଡ଼ିକ ୮ମାସ ହେବ ବନ୍ଦ ଅଛି। ଶିକ୍ଷାନୁଷ୍ଠାନ ଗୁଡ଼ିକ ଅନ୍‌ଲାଇନ କ୍ଲାସ୍ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ପାଖରେ ପହଞ୍ଚୁଥିବାବେଳେ ସେମିନାର ମଧ୍ୟ ଅନ୍‌ଲାଇନରେ ହେଉଛି। ଅନ୍ୟାନ୍ୟ ଅନୁଷ୍ଠାନ ମଧ୍ୟ ଅନ୍‌ଲାଇନ୍‌ରେ ସଭା, ଆଲୋଚନାଚକ୍ର କରୁଛନ୍ତି। ଏହାଦ୍ୱାରା ଆୟୋଜକଙ୍କ ଖର୍ଚ୍ଚ କମୁଛି। କିନ୍ତୁ ଅନ୍‌ଲାଇନ୍ କ୍ଲାସ, ସେମିନାରରୁ ବଞ୍ଚିତ ଛାତ୍ରୀଛାତ୍ର ଓ ଲୋକଙ୍କ ଚିନ୍ତା ବଢୁଛି। ଆଉ କିଛିମାସ ପରେ ବିଭିନ୍ନ ପରୀକ୍ଷା। ମୋବାଇଲ କିମ୍ବା



କୃଷି ଶିକ୍ଷା ଦିବସରେ ଅନ୍‌ଲାଇନ ଆଲୋଚନାଚକ୍ର।

### ଆଗକୁ ପରୀକ୍ଷା, ଅନ୍‌ଲାଇନ୍‌ରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କ ଚିନ୍ତା ବଢୁଛି

ଇଣ୍ଟରନେଟ ସୁବିଧାରୁ ବଞ୍ଚିତ ଛାତ୍ରୀଛାତ୍ର ପରୀକ୍ଷାର କିଭଳି ସମ୍ମୁଖୀନ ହେବେ ତାହାକୁ ନେଇ ଅଭିଭାବକମାନଙ୍କ ଚିନ୍ତା ବଢ଼ିଗଲାଣି।

ଏଭଳି ପରିସ୍ଥିତିରେ ସ୍ଥାନୀୟ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କ ଜ୍ଞାନବୃଦ୍ଧି ପାଇଁ ଅଧିକରୁ ଅଧିକ ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତିକସ୍ତରରେ ସେମିନାର ଅନ୍‌ଲାଇନ ମାଧ୍ୟମରେ କରିବାକୁ ଯୋଜନା ଚାଲିଛି। ବୁଧବାର ଏନେଇ ଅଧ୍ୟକ୍ଷ ଡ଼. ନୀଳାଞ୍ଚଳ ମୁନିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ପ୍ରଶାସନିକ ଅଧିକାରୀ ଡ଼. ସୁବାସ ଚନ୍ଦ୍ର ପ୍ରଧାନ, ପ୍ରାଧ୍ୟାପକ ବିଭୂତି ପାଣିଗ୍ରାହୀ, ଡ଼. ଆର.ଏନ୍. ପାଲ, ଡ଼. ପୀତବାସ ପାଲ, ରାଜେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ସମ୍ମାନିତ ହେଲେ ୧୫ ଦିବ୍ୟାଙ୍ଗ



ଜଣେ ଦିବ୍ୟାଙ୍ଗଙ୍କୁ ସମ୍ମାନିତ କରାଯାଉଛି।

ଆସିକା,୩।୧୨(ଡି.ଏନ୍.ଏ.)

ଆସିକା ଏନଏସି କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ନିର୍ବାହୀ ଅଧିକାରୀ ଦାୟିତ୍ୱରେ ପ୍ରଶିକ୍ଷଣ ଥିବା ଆଇଏଏସ ଅଧିକାରୀ ଆଦିତ୍ୟ ଗୋୟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବଂଶୀଧର ନାହାକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ କହଁର, ବରିଷ୍ଠ ସହାୟକ କିଶୋର ଚନ୍ଦ୍ର ପାଣିଗ୍ରାହୀ, ଗୋଷ୍ଠୀ ସଙ୍ଗଠିକା ମାନସୀ ରାଣୀ ସାହୁ, କନିଷ୍ଠ ପରିମଳ ନିପୁଣା ଦୀପ୍ତିମୟୀ ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ସରକାରଙ୍କ ପକ୍ଷରୁ ଦିବ୍ୟାଙ୍ଗମାନଙ୍କ ଲାଗି ରହିଥିବା ବିଭିନ୍ନ ସହାୟତା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ୱାର୍ଡର ୧୫ଜଣ ଦିବ୍ୟାଙ୍ଗଙ୍କୁ ଉପଢୌକନ, ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମ ପରେ ଦିବ୍ୟାଙ୍ଗଙ୍କ ସହ ଏକ ଶୋଭାଯାତ୍ରା ଆସିକା ସହର ପରିକ୍ରମା କରି ସଚେତନତା ସୃଷ୍ଟି କରାଯାଇଥିଲା। ବଜାରର ବ୍ୟବସାୟୀମାନେ ବର୍ଜ୍ୟବସ୍ତୁକୁ ଏନଏସି ପକ୍ଷରୁ ଦିଆଯାଇଥିବା ଡଷ୍ଟବିନରେ ପକାଇ ସହରର ପରିମଳ ବ୍ୟବସ୍ଥାର ସୁଚାରୁ ସମ୍ପାଦନରେ ସହଯୋଗୀ ହେବାକୁ ଦିବ୍ୟାଙ୍ଗମାନେ ନିବେଦନ କରିଥିଲେ।

# ଭିନ୍ନକ୍ଷମ ଦିବସ ଉପଲକ୍ଷେ ସଚେତନତା ଶିବିର

ପାରଳାଖେମୁଣ୍ଡି,୩।୧୨(ଡି.ଏନ୍.ଏ.)

ପାରଳାଖେମୁଣ୍ଡିଠାରେ ଜିଲା ଆଇନସେବା ପ୍ରାଧୀକରଣ ତରଫରୁ ଜିଲା କୋର୍ଟଠାରେ ଭିନ୍ନକ୍ଷମ ଦିବସ ଉପଲକ୍ଷେ ଏକ ଅନ୍‌ଲାଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକ ଅଧ୍ୟକ୍ଷତା କରି ବିଭିନ୍ନ ସରକାରୀ ଯୋଜନା ଓ ଭିନ୍ନକ୍ଷମଙ୍କ ପାଇଁ ରହିଥିବା ମାଗଣା ଆଇନ ସେବା ସମ୍ପର୍କରେ ଆଲୋଚନା କରିଥିଲେ। ନିୟତି ସ୍କୁଲର ପ୍ରତିଷ୍ଠାତା ବିଚିତ୍ରାନନ୍ଦ ବେବର୍ତ୍ତା ମାନସିକ ସୁସ୍ଥତା ରହିବାକୁ ହେଲେ କିଭଳି ଆମକୁ ସଜାଗ ରହିବାକୁ ପଡିବ ବୁଝାଇଥିଲେ। ପାରଳାଖେମୁଣ୍ଡି ସବ୍‌ଜଜ୍ ଚନ୍ଦ୍ରାହାସ ବେହେରା, ଏସ୍‌ଡିଜେଏମ୍ ବର୍ଷା ଶର୍ମା ଓ ଜେଏମ୍‌ଏଫ୍‌ସି ଶୁଭଲକ୍ଷ୍ମୀ ପ୍ରିୟଦର୍ଶନୀ ପ୍ରମୁଖ ଯୋଗ ଦେଇଥିଲେ।



କୃଷ୍ଣଚନ୍ଦ୍ର ଗଜପତି ସ୍ୱତନ୍ତ୍ର ବିଦ୍ୟାଳୟରେ ବିଶ୍ୱ ଭିନ୍ନକ୍ଷମ ଦିବସ।

ସେହିପରି ମୋହନା ବ୍ଲକ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ, ଦୃଷ୍ଟି ବାଧିତ, ମାନସିକ ଅନଗ୍ରସର ଏବଂ ମସ୍ତିଷ୍କ ପକ୍ଷାଘାତ ସ୍ୱତନ୍ତ୍ର ବିଦ୍ୟାଳୟରେ ମଧ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୋହନା ଥାନା ଅଧିକାରୀ ସୁଜିତ କୁମାର ନାୟକ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ମଧୁସୂଦନ ପାଢ଼ୀ, ଅନୁଷ୍ଠାନ ସଭାପତି ତଥା ମୋହନାର ପୂର୍ବତନ ବିଧାୟିକା ବାସନ୍ତୀ ମଲ୍ଲିକ, ସମାଜସେବୀ ଦଣ୍ଡାସୀ ସାହୁ ଏବଂ ଗଜପତି ଜିଲା କୁଇ ସମାଜର ସମ୍ପାଦକ ଶରତ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

# ମେଲୁପଡ଼ା ଗାଁ ଆଜି ବି ଅବହେଳିତ

ରାକେଶ ରାଉତ
ଫୁଲବାଣୀ ଅଫିସ, ୩।୧୨

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଡିମିରିଗୁଡା ପଞ୍ଚାୟତର ମେଲୁପଡ଼ା ଗାଁ ଯୋଡ଼ାମୁଣ୍ଡ ଶିଶୁ ଜଗା କାଳିଆଙ୍କୁ ନେଇ ଚର୍ଚ୍ଚାରେ ରହିଥିଲା। ଦିଲ୍ଲୀ ଏମସ୍‌ରେ ଉଭୟଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଥିବାରୁ ଏହି ଗାଁ ଲୋକଲୋଚନକୁ ଆସିଥିଲା। ଦୁର୍ଭାଗ୍ୟବଶତଃ ଗତ ୨୫ ତାରିଖରେ କଟକ ବଡ଼ ମେଡିକାଲରେ କାଳିଆର ମୃତ୍ୟୁ ହୋଇଥିଲା। ମୃତଦେହକୁ ଗ୍ରାମକୁ ଅଣାଯାଇ ଅନ୍ତିମ ସଂସ୍କାର କରାଗଲା। ଏତେ ଚର୍ଚ୍ଚିତ ଗ୍ରାମରେ ଯେ ମୌଳିକ ସୁବିଧା ମିଳୁନାହିଁ, ଲୋକେ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ଅଛନ୍ତି, ତାହା ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କୁ ଉପହାସ କରୁଥିଲା।

ବ୍ଲକ କାର୍ଯ୍ୟାଳୟଠାରୁ ୧୫ କି.ମି. ଦୂରରେ ଥିବା ମେଲୁପଡ଼ା ଗ୍ରାମରେ ମୋଟ ୪୦ ଆଦିବାସୀ ପରିବାର ବସବାସ କରୁଛନ୍ତି। ଜନସଂଖ୍ୟା ୩୦୦ରୁ ଅଧିକ। ଲୋକେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ମୌଳିକ ସୁବିଧା ଆଜି ପର୍ଯ୍ୟନ୍ତ ପାଇ ପାରିନାହାନ୍ତି। ଯୋଡାମୁଣ୍ଡ ଶିଶୁଙ୍କୁ ନେଇ ଖବର ପ୍ରସାରିତ ହେବାଠାରୁ ଗ୍ରାମକୁ ଲୋକ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କ ଯିବାଆସିବା ଆରମ୍ଭ ହୋଇଥିଲା। ଗ୍ରାମର ଅବସ୍ଥା ଦେଖି ସମସ୍ତେ ହତଚକିତ ହେଉଥିଲେ ମଧ୍ୟ କେହି ଏହାର ଉନ୍ନତି ପାଇଁ ଆଗେଇ ଆସିନାହାନ୍ତି। ଯାହାଫଳରେ ଆଜି ବି ଗ୍ରାମକୁ ସବୁଦିନିଆ ରାସ୍ତାଟିଏ ହୋଇପାରି ନ ଥିବା ବେଳେ ଲୋକଙ୍କ ନିମନ୍ତେ ପାନୀୟ ଜଳ ଯୋଗାଣ ସାତସପନ ହୋଇଛି। ଲୋକେ ବିପଦସଙ୍କୁଳ ଅବସ୍ଥାରେ ନାଳ ପାର ହୋଇ ଯାତାୟତ କରୁଛନ୍ତି। ବର୍ଷାଦିନ ଆସିଲେ ଗ୍ରାମ ବିଚ୍ଛିନ୍ନାଞ୍ଚଳ ପାଲଟୁଛି। ନାଳରେ ଅଧିକ ପାଣି ଆସୁଥିବାରୁ ଲୋକେ ହଇରାଣ ହୁଅନ୍ତି।



ନାଳ ସେପାଖରେ ଗ୍ରାମକୁ ଯାଇଥିବା ମାଟି ରାସ୍ତା

### ଯୋଡ଼ାମୁଣ୍ଡ ଶିଶୁ ଜଗା, କାଳିଆଙ୍କ ପାଇଁ ଚର୍ଚ୍ଚାରେ ଥିଲା

ଏହି ସମୟରେ କାହାର ଦେହ ଖରାପ ହେଲେ ଭଗବାନଙ୍କୁ ପ୍ରାର୍ଥନା କରିବା ଛଡ଼ା ଆଉ କିଛି ଉପାୟ ପାଇ ନଥାନ୍ତି। ଗାଁରେ ସ୍କୁଲ ଦୂରର କଥା ଅଙ୍ଗନୱାଡି କେନ୍ଦ୍ରଟିଏ ମଧ ନିର୍ମାଣ ହୋଇ ପାରିନାହିଁ। ଫଳରେ ପିଲାମାନଙ୍କୁ ବିପଦସଂକୁଳ ନାଳ ଡେଇଁ ଗାଁଠାରୁ ୩ କି.ମି. ଶ୍ରୀପଲାଗାଁକୁ ପଢ଼ିବାକୁ ଯିବାକୁ ପଡେ। ଯାହାକି ସବୁବେଳେ ସମ୍ଭବ ନୁହେଁ। ଗ୍ରାମବାସୀଙ୍କ ମୁଖ୍ୟ ଜୀବିକା ଚାଷ। କିନ୍ତୁ ଜଳ ଯୋଗାଣର କୌଣସି ସୁବିଧା ନ ଥିବାରୁ ଚାଷ କାର୍ଯ୍ୟ ସବୁ ବେଳେ ବାଧାପ୍ରାପ୍ତ ହୋଇଥାଏ। ଏ ନେଇ ଲୋକେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ କିଛି ସୁଫଳ ମିଳିନାହିଁ। ନିର୍ବାଚନ ଆସିଲେ ଖାଲି ପ୍ରତିଶ୍ରୁତି ମିଳେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

